# ବରଗଡ଼ରେ ଜିଲାସ୍ତରୀୟ ଲୋକ ଅଦାଲତ




ବରଗଡ, ୧୩।୦୭(ସପ୍ର): ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ଜିଲାସ୍ତରୀୟ ମାଇକ୍ରୋ ଲୋକ ଅଦାଲତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଏସ୍.ଏ. କେ. ଜେଡ୍. ଅହମ୍ମଦ ଅଧ୍ୟକ୍ଷତା କରିଥିଲେ । ଓଡିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଏହି ଲୋକ ଅଦାଲତ କେବଳ ମୋଟର ଯାନ ଦୁର୍ଘଟଣା ଜନିତ ମାମଲାର ବିଚାର କରାଯାଇଥିଲା । ଜିଲା ଦୌରା ଜଜ୍ ଶ୍ରୀ ଅହମଦ ୨୫ଗୋଟି ମୋଟର ଯାନ ଦୁର୍ଘଟଣାଜନିତ ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି କ୍ଷତିପୂରଣ ବାବଦକୁ ପୃଥକ୍ ପୃଥକ୍ ବୀମା କମ୍ପାନୀ ମାନଙ୍କୁ ମୋଟ ଟ. ୧,୩୬,୬୦,୦୦୦/- ଟଙ୍କା ଦେବା ପାଇଁ ଆଦେଶ ଦେଇଛନ୍ତି । ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନିଳୀମା ପଣ୍ଡା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ । ଓକିଲ ନିଧୁବନ ବିହାରି ପ୍ରସାଦ ପଣ୍ଡା ଓ ସୁଧୀର ପୁରୋହିତ ଲୋକ ଅଦାଲତର ସଦସ୍ୟ ଭାବେ ଉପସ୍ଥିତ ଥିଲେ । ଉକ୍ତ ଲୋକ ଅଦାଲତରେ ବରଗଡ଼ ସିଭିଲ କୋର୍ଟ ର ରେଜିଷ୍ଟ୍ରାର ବିଶ୍ୱବିସ୍ମୃତ କର ଓ କୋର୍ଟ ମ୍ୟାନେଜର ଧର୍ମେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ସରକାରଙ୍କ କୋଭିଡ୍ ନିୟମାବଳୀ ପାଳନ ଏବଂ ଉଚିତ ସାମାଜିକ ଦୂରତା ରକ୍ଷା କରାଯାଇ ଏହି ଲୋକ ଅଦାଲତର ଆୟୋଜନ କରାଯାଇଥିଲା ।